Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 14

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 06 ଏପ୍ରିଲ୍ 2017    06 ଶାହାଦତ୍ 1396 ହି.ଶ    08 ରଜବ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫିଁ'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ବଡ଼ ହୋଇ ଛୋଟକୁ ତିରସ୍କାର ନ କରି ତାଙ୍କ ଉପରେ ଦୟା କର ।**

**ଜ୍ଞାନୀ ହୋଇ ଅଜ୍ଞାନଙ୍କୁ ନିଜର ଆତ୍ମବଡ଼ିମା ଦେଖାଇ ଭର୍ତ୍ସନା ନ କରି ତାଙ୍କୁ ଉପଦେଶ ଦିଅ ।**

**ଧନୀ ହୋଇ ଗରିବଙ୍କ ଉପରେ ସ୍ୱେଚ୍ଛାଚାରୀ ରୂପେ ଗର୍ବ ନ କରି ତାଙ୍କର ସେବା କର ।**

**ବିନାଶ ପଥକୁ ଡ଼ର ।**

**ଅଲ୍ଲାଃଙ୍କୁ ଭୟ କର ଏବଂ ତକ୍‌ଓ୍ୱା (ସତ୍‌ପଥ) ଗ୍ରହଣ କର ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ବଡ଼ ହୋଇ ଛୋଟକୁ ତିରସ୍କାର ନ କରି ତାଙ୍କ ଉପରେ ଦୟା କର । ଜ୍ଞାନୀ ହୋଇ ଅଜ୍ଞାନଙ୍କୁ ନିଜର ଆତ୍ମବଡ଼ିମା ଦେଖାଇ ଭର୍ତ୍ସନା ନ କରି ତାଙ୍କୁ ଉପଦେଶ ଦିଅ । ଧନୀ ହୋଇ ଗରିବଙ୍କ ଉପରେ ସ୍ୱେଚ୍ଛାଚାରୀ ରୂପେ ଗର୍ବ ନ କରି ତାଙ୍କର ସେବା କର । ବିନାଶ ପଥକୁ ଡ଼ର । ଅଲ୍ଲାଃଙ୍କୁ ଭୟ କର ଏବଂ ତକ୍‌ଓ୍ୱା (ସତ୍‌ପଥ) ଗ୍ରହଣ କର ଏବଂ ମଖ୍‌ଲୁକ୍ (ପ୍ରାଣୀ)ଙ୍କର ଉପାସନା କରନାହିଁ । ନିଜର ପ୍ରଭୁଙ୍କ ଆଡ଼କୁ ଢ଼ଳିଯାଅ ଏବଂ ସାଂସାରିକ ମାୟା ମୋହରୁ ଦୂରେଇ ରୁହ । ଏବଂ ତାଙ୍କର (ଅଲ୍ଲାଃଙ୍କର) ହୋଇଯାଅ ଏବଂ ତାଙ୍କରି ପାଇଁ ଜୀବନ ବିତାଅ ଏବଂ ତାଙ୍କ ପାଇଁ ପ୍ରତ୍ୟେକ ଅପବିତ୍ର ଓ ପାପକୁ ଘୃଣା କର । କାରଣ ସେ ପବିତ୍ର ଅଟନ୍ତି । ଏପରି ହୋଇଯାଉ ଯେ ପ୍ରତ୍ୟେକ ସକାଳ ତୁମ ପାଇଁ ସାକ୍ଷୀ ଦେଉ ଯେ ତୁମେ ତକ୍‌ଓ୍ୱାର ସହିତ ରାତ୍ରି ଯାପନ କରିଛ ଏବଂ ପ୍ରତ୍ୟେକ ସନ୍ଧ୍ୟା ତୁମ ପାଇଁ ସାକ୍ଷୀ ଦେଉ ଯେ ତୁମେ ଡ଼ରି ଡ଼ରି ଦିନ କାଟିଛି । ସାଂସାରିକ ଭର୍ତ୍ସନାକୁ ଡ଼ର ନାହିଁ । ତାହା ସବୁ ଅନଉ ଅନଉ ଧୂଆଁ ପରି ମିଳେଇଯିବ ଏବଂ ତାହା ଦିନକୁ ରାତି କରିପାରିବ ନାହିଁ । ବରଂ ତୁମେ ଅଲ୍ଲାଃଙ୍କ ଭର୍ତ୍ସନାକୁ ଡ଼ର । ଯାହା ଆକାଶରୁ ଅବତୀର୍ଣ୍ଣ ହୁଏ ଏବଂ ଯାହା ଉପରେ ପଡ଼େ ତାର ଦୁଇ ଲୋକ (ସ୍ୱର୍ଗ ଓ ମର୍ତ୍ତ୍ୟ ଲୋକ)କୁ ଉଜାଡ଼ି ଦିଏ । ତୁମେ କପଟତା କରି ନିଜକୁ ବଂଚାଇ ପାରିବ ନାହିଁ କାରଣ ସେହି ଖୁଦା ଯେ ତୁମର ଖୁଦା ଅଟନ୍ତି ସେ ମଣିଷର ପାତାଳ ପର୍ଯ୍ୟନ୍ତ ଦେଖୁଛନ୍ତି । ତୁମେ କଣ ତାଙ୍କୁ ଧୋକା ଦେଇପାରିବ ? ତେଣୁ ତୁମେ ସିଧା ହୋଇଯାଅ ଓ ପରିଷ୍କାର ହୋଇଯାଅ ଓ ପବିତ୍ର ହୋଇଯାଅ ଏବଂ ଶୁଦ୍ଧ ହୋଇଯାଅ । ଯଦି ତୁମ ପାଖରେ ଟିକିଏ ମାତ୍ର କାଳିମା ବାକି ରହିବ ତେବେ ସେ ତୁମର ସମସ୍ତ ପ୍ରକାଶ (ଦୀପ୍ତ) କୁ ଦୂରେଇ ନେବ । ଯଦି ତୁମର କୌଣସି କାର୍ଯ୍ୟରେ ଗର୍ବ ବା ଅହଂକାର ଅଛି ବା ଆତ୍ମବଡ଼ିମା ଓ ଆଳସ୍ୟତା ଅଛି ତେବେ ତୁମେ ଏପରି କୌଣସି ବସ୍ତୁ ନୁହଁ ଯେ ତୁମେ ଗ୍ରହଣୀୟ ହେବ ।

**(କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା ନଂ-୧୨)**

✽✽✽✽✽✽✽✽✽✽✽✽✽✽✽✽

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ନଜାରତ୍ ତାଲିମ୍ ଆନୁକୁଲ୍ୟରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାର ଫଳାଫଳ

ଚଳିତ ବର୍ଷ ୨୦୧୬-୧୭ ପାଇଁ ନଜାରତ୍ ତାଲିମ୍ କାଦିଆନ୍ ତରଫରୁ ''ଅଲ୍ଲାଃତାଲା କି ଜାତି ମହବତ୍ କିସ୍ ତରାହା ହାସିଲ୍ କି ଜାତି ହେଁ'' (ଅଲ୍ଲାଃତାଲାଙ୍କର ପ୍ରେମ(ସାନିଧ୍ୟ) କିପରି ହାସଲ ହୋଇପାରିବ) ବିଷୟରେ ଏକ ପୁରସ୍କାର ମୂଳକ ପ୍ରବନ୍ଧ ପ୍ରତିଯୋଗିତାର ଘୋଷଣା କରାଯାଇଥିଲା ଯେଉଁଥିରେ ୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ବିଶେଷ ପୁରସ୍କାର ହାସଲ କରିଥିବା ଶିକ୍ଷାର୍ଥୀଙ୍କ ନାମ ନିମ୍ନରେ ଦିଆଗଲା । ଅଲ୍ଲାଃତାଲା ଏହି ସମ୍ମାନ ସେମାନଙ୍କୁ ମୁବାରକ୍ କରନ୍ତୁ ।

| ସ୍ଥାନ | ପ୍ରବନ୍ଧ ଲେଖକଙ୍କ ନାମ |
|---|---|
| ପ୍ରଥମ | ମୋକରମ ୱସିମ୍ ଅହେମଦ୍ ଅଜୀମ୍ ସାହେବ୍ (କାଦିଆନ୍) |
| ଦ୍ୱିତୀୟ | ମୋକରମ ସୟଦ୍ ନଇମ୍ ଅହେମଦ୍ କାଶିଫ୍ ସାହେବ (କାଦିଆନ୍) |
| ତୃତୀୟ | ମୋକରମା ଅନିସ୍ ଫାତ୍ମା ସାହିବା ଅବ୍ଦୁସ୍ସମଦ (ଉସ୍ମାନାବାଦ୍, ମହାରାଷ୍ଟ୍ର) |
| ବିଶେଷ | ମୋକରମା ସୟଦା ସାଦିଆ ହମିଦ୍ ସାହିବା (ବାଙ୍ଗାଲୋର୍, କର୍ଣ୍ଣାଟକ) |
| ବିଶେଷ | ମୋକରମା ସୟଦା ମୋବଶିରା ଶକିଲ୍ ସାହିବା (ହାଇଦ୍ରାବାଦ୍, ତେଲେଙ୍ଗାନା) |
| ବିଶେଷ | ମୋକରମା ଖାନ୍ ମନ୍ସୁରା ଫରହତ୍ ମୁଜିବୁଲ୍ଲାଃ (ଉସ୍ମାନା ଆବାଦ୍, ମହାରାଷ୍ଟ୍ର) |
| ବିଶେଷ | ମୋକରମ୍ ଇଫ୍ତେଖାରୁର୍ ରହ୍ମାନ୍(କାଦିଆନ) |

**ନାଜର୍ ତାଲିମ୍ କାଦିଆନ୍**

## ୱକ୍ଫେ ନୌ ଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍ନା ହଜୁର୍ ଅନୁଓ୍ୱର୍ଙ୍କ ଉପଦେଶ ଅନୁଯାୟୀ ବର୍ତମାନ ହିନ୍ଦୁସ୍ତାନ୍ର ୱାକିଫିନେ ନୌ ମାନଙ୍କର ମଞ୍ଜୁରୀ ଚିଠି ଏବଂ ହଓ୍ୱାଲା ନଂ ଲଣ୍ଡନ୍ରୁ ୱକ୍ଫେ ନୌ ବିଭାଗ ଭାରତରେ ପହଂଚୁଛି । ତାପରେ ୱକ୍ଫେ ନୌ ଭାରତ ମଞ୍ଜୁରୀର ଚିଠି ଓ ହଓ୍ୱାଲା ନଂ କୁ ମା ବାପାଙ୍କ ନିଟକୁ ପହଂଚାଇବାର କାର୍ଯ୍ୟ ସମ୍ପାଦନ କରୁଅଛି । ତେଣୁ ସେହି ମା ବାପାମାନେ ଯେଉଁମାନେ ନିଜ ପିଲାଙ୍କୁ ୱକ୍ଫେ ନୌ ତହେରିକ୍ରେ ସାମିଲ୍ କରିବାକୁ ଋହୁଁଛନ୍ତି ସେମାନେ ନିଜର ଦରଖାସ୍ତକ ସୟଦ୍ନା ହଜୁର୍ ଅନୁଓ୍ୱର୍ଙ୍କ ନିକଟକୁ ସିଧା ସଳଖ ସମ୍ପୂର୍ଣ୍ଣ ଠିକଣା ଦେଇ ଫ୍ୟାକ୍ସ କରନ୍ତୁ ଏବଂ ଏହାର ଏତଲା ଫୋନ୍ ବା ଇମେଲ୍ ଜରିଆରେ ଦଫ୍ତର୍ ୱକ୍ଫେ ନୌ ଭାରତକୁ ଦେବା ସହିତ ନିଜର ଇ-ମେଲ୍ ଆଇ.ଡ଼ି ଏବଂ ଠିକଣା ନୋଟ୍ କରାଇ ଦିଅନ୍ତୁ । ଯଦ୍ୱାରା ଲଣ୍ଡନ୍ରୁ ମଞ୍ଜୁରୀ ଚିଠି ଓ ହଓ୍ୱାଲା ନଂ ପାଇଁ ଫର୍ମ ହସ୍ତଗତ ହେଲେ ୱକ୍ଫେନ୍ ନୌ ବିଭାଗ ଭାରତ ମା ବାପାଙ୍କ ନିକଟକୁ ମଞ୍ଜୁରୀ ଚିଠି ଓ ହଓ୍ୱାଲା ନଂ ଶିଘ୍ର ପଠାଇ ପାରିବେ । ଏହିପରି ହାଓ୍ୱାଲା ନଂ ଜାରି କରାଇବା ନିମନ୍ତେ ମଧ୍ୟ ପ୍ରତ୍ୟେକ ଚିଠି ପତ୍ର ୱକ୍ଫେନ୍ ନୌ ବିଭାଗ ଭାରତ (ନଜାରତ୍ ତାଲିମ୍) ସହିତ କରନ୍ତୁ । ସିଧା ସଳଖ କୌଣସି ଚିଠି ୱକ୍ଫେ ନୌ ବିଭାଗ ଲଣ୍ଡନ୍ର ଇ-ମେଲ୍ ଆଇ.ଡ଼ି ରେ ପଠାନ୍ତୁ ନାହିଁ । ସମସ୍ତ ୱକ୍ଫେ ନୌ ସେକ୍ରେଟାରୀ ଏବଂ ମା ବାପା ମାନେ ଏହି ଆଦେଶକୁ ପାଳନ କରନ୍ତୁ । ପିଲାଙ୍କ ଜନ୍ମ ପରେ ଫର୍ମ ଡ଼େରିରେ ପଠାଇବା ଦ୍ୱାରା ପିଲା ତହେରିକ୍ ୱକ୍ଫେ ନୌ ରେ ସାମିଲ୍ ହୋଇପାରିବ ନାହିଁ । ତେଣୁ ମା ବାପାଙ୍କୁ ପିଲାର ଜନ୍ମ ପରେ ହଓ୍ୱାଲା ନଂ ଜାରି କରାଇବା ପାଇଁ ଫର୍ମ୍କୁ ଯଥାଶିଘ୍ର ୱକ୍ଫେ ନୌ ଭାରତର ନିମ୍ନଲିଖିତ ଠିକଣାରେ ଡ଼ାକ ଦ୍ୱାରା ବା ଇମେଲ୍ ଦ୍ୱାରା ପଠାଇବାକୁ ହେବ ।

**OFFICE WAQF-E-NAU INDIA (Nazarat Taleem)**

**Qadian-143516, Dist-Gurdaspur, Punjab**

**Office : 01872-500975 Mobile : 9988991775**

**E.Mail : qdnwaqfenau@gmail.com**

***ଇନ୍ଚାର୍ଯ୍ୟ-ୱକ୍ଫେ ନୌ ବିଭାଗ, ଭାରତ***

*ପୃଷ୍ଠା-୮ର ଅବଶିଷ୍ଟାଂଶ......*

ବହୁତ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ସେଠାରେ ହଜୁର୍ ଅନୁଓ୍ୱରଙ୍କ ସହିତ ସାକ୍ଷାତ୍ କରିବେ । ନମାଜ ପାଠର ବ୍ୟବସ୍ଥା ମଧ୍ୟ ସେହି ହଲ୍ର ଗୋଟିଏ ଭାଗରେ କରାଯାଇଛି । ପୁଣି ଲଂଚ୍ କରିବା ପରେ ଅନ୍ୟାନ୍ୟ ମେମ୍ବର୍ ଲଞ୍ଜ୍ରେ ଆସି ସାକ୍ଷାତ୍ କରିବେ ଏବଂ ପ୍ରଧାନମନ୍ତ୍ରୀ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବେ । ଏହି ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍ର ଇଜ୍ଲାସ୍ ସମୟରେ ଭିଜିଟ୍ ଗ୍ୟାଲେରୀ ପରିଦର୍ଶନ କରିବେ । ଯେଉଁଠି ହଜୁର୍ ଅନୁଓ୍ୱର୍ଙ୍କୁ ସ୍ପିକର୍ ଏବଂ ପାର୍ଲିଆମେଂଟ୍ ମେମ୍ବର୍ଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା କରାଯିବ । ଏହାପରେ ସନ୍ଧ୍ୟାବେଳେ ଉକ୍ତ ଉତ୍ସବ ଅନୁଷ୍ଠିତ କରାଯିବ ଯେଉଁଠି ହଜୁର୍ ଅନୁଓ୍ୱର୍ ନିଜର ବକ୍ତବ୍ୟ ପେଶ୍ କରିବେ ।

ତେଣୁ ଦିନ ୧୧ ଟା ବେଳେ ସାକ୍ଷାତ୍କାର ଏହି ପ୍ରୋଗ୍ରାମ୍ ଆରମ୍ଭ ହେଲା । ସର୍ବ ପ୍ରଥମେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଅନେରେବୁଲ୍ ଏଣ୍ଡର୍ ଯୋଲ୍ଜ୍ଲି (ଚିଫ୍ ଗଭର୍ଣ୍ଣମେଂଟ୍ WHIP) ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଲେ । ସେ କହିଲେ ଯେ ମୁଁ ଆର୍ମିରୁ ରିଟାର୍ଡ଼ ହୋଇଛି ଏବଂ ବର୍ତମାନ୍ ମେମ୍ବର୍ ପାର୍ଲିଆମେଂଟ୍ ଅଛି ଓ ଚିଫ୍ WHIP ମଧ୍ୟ ଅଛି । ମୋର ଯେଉଁ ଇଲାକା ଅଛି ତାହା ଓଟାଓ୍ୱାରେ ଅବସ୍ଥିତ ଏବଂ ମୁଁ ଏଠାରୁ ନିର୍ବାଚିତ ହୋଇଛି । ସେ କହିଲେ ଯେ ଓଟାଓ୍ୱାରେ ମଧ୍ୟ ଆପଣଙ୍କର କମ୍ୟୁନିଟି ଅଛି । ଏହିଥର ମୁଁ ଟୋରାଂଟୋରେ ପ୍ରଥମ ଥର ପାଇଁ ଜଲ୍ସା ସାଲାନାରେ ସାମିଲ୍ ହେଲି । ମୋ ପାଇଁ ଏହା ଆଶ୍ଚର୍ଯ୍ୟଜନକ ଅନୁଭବ ଥିଲା । ତାହା ବହୁତ ଅର୍ଗାନାଇଜ୍ଡ଼ ସଂଗଠିତ ଥିଲା । ଜଲ୍ସାଗାଃର ବାହାରେ ଯେଉଁଠି ପୋଲିସ୍ର କଂଟ୍ରୋଲ୍ରେ ପାର୍କିଂ ଥିଲା ସେଠାରେ ଉତମ ବ୍ୟବସ୍ଥା ନଥିଲା । ଏହାର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ଯେ ମୁଁ କହୁଛି ଯେ ଆମର ଡିସିପ୍ଲିନ୍ ଆର୍ମି ଡ଼ିସିପ୍ଲିନ୍ଠାରୁ ଉତମ ଅଟେ ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ କହିଲେ ଯେ ଜମାତ୍, ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଓ ମାନବିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ପାଇଁ ଯେଉଁ ଚେଷ୍ଟା କରି ଚାଲିଛି ତାହା ପ୍ରଶଂସନୀୟ ଅଟେ ଏବଂ ଆପଣ ସାମାଜିକ ଉନ୍ନତି ନିମନ୍ତେ ନିଜର ଯେଉଁ ଯୋଗଦାନ ଦେଉଛନ୍ତି ତାହା ବହୁତ ମହାନ୍ କାର୍ଯ୍ୟ ଅଟେ । ସେ ପୁଣି କହିଲେ ଯେ ଏହା ମୋ ପାଇଁ ବହୁତ ବଡ଼ ଭାଗ୍ୟ ଅଟେ ଯେ ମୁଁ ଆଜି ହଜୁର୍ଙ୍କ ସହିତ ସାକ୍ଷାତ୍ କରୁଅଛି ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ **Judy Sgro** ମଧ୍ୟ ଏହି ମିଟିଂରେ ଉପସ୍ଥିତ ଥିଲେ । ହଜୁର୍ ଅନୁଓ୍ୱର କହିଲେ **Judy Sgro** ସାହିବାଙ୍କର ଜମାତ୍ ସହିତ ବହୁତ ପୁରୁଣା ସମ୍ପର୍କ ଅଛି । ଏବେ ସେ ଆମର ନିଜର ସାଙ୍ଗ ହୋଇଯାଇଛନ୍ତି । ହଜୁର୍ ଅନୁଓ୍ୱର୍ କହିଲେ ଯେବେ ମୁଁ ପ୍ରଥମ ଥର କାନାଡ଼ା ଆସିଥିଲି ସେତେବେଳେ ମୋତେ ଯେଉଁମାନେ ମୋତେ ସ୍ୱାଗତ୍ କରିଥିଲେ ସେମାନଙ୍କ ମଧ୍ୟରେ ସେ ମଧ୍ୟ ସାମିଲ୍ ଥିଲେ ।

ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ **Judy Sgro** କହିଲେ ଯେ ହଜୁର୍ ଅନୁଓ୍ୱର ସସ୍କାଟୁନ୍ ମଧ୍ୟ ଦୌରା କରିବେ । ମୋର ଇଛା ଯେ ହଜୁର୍ ଅନୁଓ୍ୱର୍ ବ୍ରମ୍ପ୍ଟନ୍ର ମଧ୍ୟ ଦୌରା କରନ୍ତୁ ଏବଂ ସେଠାକୁ ଆସନ୍ତୁ । ଏହି କଥାର ଉତରରେ ଅମିର୍ ସାହେବ କାନାଡ଼ା କହିଲେ ଯେ ବ୍ରମ୍ପଟନ୍ ପୂର୍ବରୁ ସସ୍କାଟୁନ୍ର ନିର୍ମାଣ ସମ୍ପୂର୍ଣ୍ଣ ହେବ ଏଥିରେ **Judy Sgro** କହିଲେ ଏହାର ଅର୍ଥ ହେଉଛି ଯେ ହଜୁର୍ ଅନୁଓ୍ୱର୍ଙ୍କୁ ବାରମ୍ବାର କାନାଡ଼ା ଆସିବାକୁ ହେବ ।

**Judy Sgro** ସାହିବା ହଜୁର୍ ଅନୁଓ୍ୱର୍ଙ୍କ ଗୋଚରେ ଜଣାଇଲେ ଯେ ଆଜି ମୁଁ ପାର୍ଲିଆମେଂଟ୍ ବାହାରେ ଜଣେ ସ୍ତ୍ରୀ ଲୋକକୁ ଦେଖିଲେ ସେ କେବଳ ଚାରିମାସ ପୂର୍ବରୁ କାନାଡ଼ା ଆସିଛନ୍ତି । ସେ ବହୁତ ଭାବ ବିହୋଳ ହୋଇଯାଇଛନ୍ତି ଯେ ଆଜି ହଜୁର୍ ଅନୁଓ୍ୱର୍ ପାର୍ଲିଆମେଂଟ୍ ଆସୁଛନ୍ତି ଏବଂ ମୁଁ ମୋ ଜୀବନରେ ପ୍ରଥମ ଥର ପାଇଁ ହଜୁର୍ ଅନୁଓ୍ୱର୍ଙ୍କୁ ଦର୍ଶନ କରିବି । ସେ ବହୁତ ଭାବ ବିହୋଳ ହୋଇ ଯାଇଥିଲେ । ତାଙ୍କୁ ଦେଖି ମୁଁ ମଧ୍ୟ ଭାବୁକ ହୋଇଯାଇଥିଲି । ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏଣ୍ଡର୍ ଯୁଲଜ୍ଲିଙ୍କର ହଜୁର୍ ଅନୁଓ୍ୱର୍ଙ୍କ ସହିତ ସାକ୍ଷାତ୍ ୧୧:୧୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଥିଲା । କ୍ରମଶଃ...............

(ବ ହଓ୍ୱାଲା ବଦର୍-୮ ଡିସେମ୍ବର୍-୨୦୧୬)

# ଖୁତ୍‌ବା ଜୁମା

◆ଯୁବକ, ଯୁବତୀମାନଙ୍କର ବିବାହ ଓ ତାପରେ ସେମାନଙ୍କ ବୈବାହିକ ଜୀବନରେ ଦେଖାଦେଉଥିବା ସମସ୍ୟା ଯୋଗୁଁ ସର୍ବଦା ଅଶାନ୍ତି ଓ ବିଭ୍ରାଟ ସୃଷ୍ଟି ହୋଇଥାଏ । ପୁଣି ଏହା କେବଳ ସ୍ୱାମୀମାନଙ୍କ ସମସ୍ୟା ହୋଇ ରହିନଥାଏ ବରଂ ଉଭୟ ପରିବାରର ପିତାମାତାଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାବ୍ୟସ୍ତ ହୋଇଥାଏ । ପୁଣି ଏହା ଏଥିମଧ୍ୟରେ ସୀମିତ ରହିନଥାଏ ବରଂ ଯଦି ସେମାନଙ୍କ ସନ୍ତାନ ଥାନ୍ତି ତେବେ ଏହା ଦ୍ୱାରା ସେମାନେ ମଧ୍ୟ ପ୍ରଭାବିତ ହୋଇଥାନ୍ତି । କେତେକ ସ୍ଥଳେ ତ ପିଲାମାନେ ଉଭୟ ଧାର୍ମିକ ଓ ସାଂସାରିକ କ୍ଷେତ୍ରରେ ପଥଭ୍ରଷ୍ଟ ହୋଇବସିଥାନ୍ତି ଏବଂ ପିତାମାତା ଓ ଉକ୍ତ ବଂଶ ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତି । ଏପରି ସମସ୍ୟାର ଏକ ଧାରା ପ୍ରବାହିତ ହୋଇଚାଲେ ।

◆ଏହାର ମୂଖ୍ୟ କାରଣ ଅଧିକାଂଶ ଯୁବକ ଓ ଯୁବତୀଙ୍କର ମିଛ କହିବା ଅଟେ । ଯେମିତି (ବିବାହ ପୂର୍ବରୁ) ଉଭୟ ନିଜ ଅବସ୍ଥା ସମ୍ପର୍କରେ ଅନ୍ୟଜଣକୁ ସମ୍ପୂର୍ଣ୍ଣରୂପେ ଅବଗତ କରାଇନଥାନ୍ତି । ପୁଣି କେତେକ ପିତାମାତା ଜୋର ଜବରଦସ୍ତି ବନ୍ଧୁବାନ୍ଧିଥାନ୍ତି କି ପରବର୍ତୀ ସମୟରେ ସବୁକିଛି ସାମାନ୍ୟ ହୋଇଯିବ କିନ୍ତୁ ଯୁବକ ଯୁବତୀଙ୍କ ମଧ୍ୟରେ ଶିକ୍ଷାଗତ ତଫାତ୍, ଚାଲିଚଳଣ ଆଚାର ବ୍ୟବହାରରେ ପାର୍ଥକ୍ୟ ଏପରି ପରିସ୍ଥିତି ଉପୁଯିବାର ମୂଖ୍ୟ କାରଣ ହୋଇଥାଏ ।

◆ଯଦି ଗୋଟିଏ ବାକ୍ୟରେ ଏହି ପାରିବାରିକ ସମସ୍ୟାର କାରଣ ଦର୍ଶାଯାଏ ତେବେ ତାହା, ଲୋକମାନଙ୍କର ଧର୍ମଠାରୁ ଦୂରେଇ ଯିବା ଅଟେ । ଧାର୍ମିକ ଶିକ୍ଷା ସହ ପରିଚିତ ନହେବା, ସେଥିପ୍ରତି ଅନିଚ୍ଛା ତଥା ସାଂସାରିକ ଭୋଗବିଳାଷ ଓ ସଂସାର ଲାଭ କରିବାରେ ପ୍ରବଳ ମନଯୋଗ କରିବା ଅଟେ । ସୁତରାଂ ଯଦି ଉକ୍ତ ସମସ୍ୟାର ସମାଧାନ ଚାହଁ ତେବେ ଧାର୍ମିକ ଶିକ୍ଷା ପ୍ରତି ନଜର କରିବା ଆବଶ୍ୟକ । ତାହାରି ଆଧାରରେ ହିଁ ସମାଧାନ ସମ୍ଭବ ।

◆ଗୋଟିଏ ପାର୍ଶ୍ୱରେ ଆମ୍ଭେ ନିଜକୁ ଅହେମଦି କହି ଧର୍ମକୁ ପ୍ରାଥମିକତା ଦେବାର ଘୋଷଣା କରୁଅଛେ । ଯଦି ଏଥିରେ କିଛି ବାସ୍ତବିକତା ଅଛି ତେବେ ଆମ୍ଭକୁ ଏପରି ସମସ୍ୟାର ସମାଧାନ ପବିତ୍ର କୋରାନ, ହଦିସ ଓ ହଜରତ ମସିହ ମଉଦ ଆ.ସଙ୍କ ଶିକ୍ଷାରେ ଖୋଜିବା ଉଚିତ୍ ।

◆ମୋକରମ୍ ମୁହମ୍ମଦ୍ ନୱାଜ୍ ମୋମିନ୍ ସାହେବ ସୁପୁତ୍ର ମୋକରମ୍ ଖୁଦାବଖ୍ସ ମୋମିନ୍ ସାହେବ ଓ ମୋକରମ୍ ସୟଦ୍ ରଫିକ୍ ଅହେମଦ୍ ସଫିର୍ ସାହେବ ସୁପୁତ୍ର ମୋକରମ୍ ଡ଼ାଃ ସଫିରୁଦ୍ଦିନ୍ ସାହେବଙ୍କ ଓଫାତ୍ ଏବଂ ନମାଜ ଯନାଜାଃ ହାଜିର୍ । ମୋକରମ୍ ଡ଼ାଃ ମିର୍ଜା ଲଇକ୍ ଅହେମଦ୍ ସାହେବ ସୁପୁତ୍ର ମୋକରମ୍ ସାହେବ ଜାଦା ମିର୍ଜା ହଫିଜ୍ ଅହେମଦ୍ ସାହେବ ଏବଂ ମୋକରମ୍ ଅମିନୁଲ୍ଲାଃ ଖାନ୍ ସାଲିକ୍ ସାହେବ ସୁପୁତ୍ର ମୋକରମ୍ ଅବ୍‌ଦୁଲ୍ ମଜିଦ୍ ଖାନ୍ ସାହେବ ଅଫ୍ ୟୁରୋବାଲ୍‌ଙ୍କ ଓଫାତ୍ ଏବଂ ନମାଜ ଯନାଜାଃ ଗାଏବ ପାଠ, ମର୍‌ହୁମିନ୍‌ଙ୍କର ଉତମ ଗୁଣର ଚର୍ଚ୍ଚା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୦୩ ମାର୍ଚ୍ଚ ୨୦୧୭ ଅନୁଯାୟୀ ୦୩ ଅମାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଯୁବକ, ଯୁବତୀମାନଙ୍କର ବିବାହ ଓ ତାପରେ ସେମାନଙ୍କ ବୈବାହିକ ଜୀବନରେ ଦେଖାଦେଉଥିବା ସମସ୍ୟା ଯୋଗୁଁ ସର୍ବଦା ଅଶାନ୍ତି ଓ ବିଭ୍ରାଟ ସୃଷ୍ଟି ହୋଇଥାଏ । ପୁଣି ଏହା କେବଳ ସ୍ୱାମୀମାନଙ୍କ ସମସ୍ୟା ହୋଇ ରହିନଥାଏ ବରଂ ଉଭୟ ପରିବାରର ପିତାମାତାଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ସାବ୍ୟସ୍ତ ହୋଇଥାଏ । ପୁଣି ଏହା ଏଥିମଧ୍ୟରେ ସୀମିତ ରହିନଥାଏ ବରଂ ଯଦି ସେମାନଙ୍କ ସନ୍ତାନ ଥାନ୍ତି ତେବେ ଏହା ଦ୍ୱାରା ସେମାନେ ମଧ୍ୟ ପ୍ରଭାବିତ ହୋଇଥାନ୍ତି । କେତେକ ସ୍ଥଳେ ତ ପିଲାମାନେ ଉଭୟ ଧାର୍ମିକ ଓ ସାଂସାରିକ କ୍ଷେତ୍ରରେ ପଥଭ୍ରଷ୍ଟ ହୋଇବସିଥାନ୍ତି ଏବଂ ପିତାମାତା ଓ ଉକ୍ତ ବଂଶ ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତି । ଏପରି ସମସ୍ୟାର ଏକ ଧାରା ପ୍ରବାହିତ ହୋଇଚାଲେ । ପାଖାପାଖି ପ୍ରତ୍ୟେକ ଦିନ ଡ଼ାକ ଯୋଗେ କିମ୍ବା ଲୋକମାନେ ଆସି ମୋ ନିକଟରେ ଏଭଳି ସମସ୍ୟାର ଚର୍ଚ୍ଚା କରିଥାନ୍ତି । ଗୋଟିଏ ପାର୍ଶ୍ୱରେ କନ୍ୟାମାନେ ପାଠ ପଢ଼ିବା ଆଳରେ ଉଚିତ୍ ବୟସରେ ବିବାହ କରୁନାହାନ୍ତି । ପୁଣି ଯେତେବେଳେ ବିବାହ କରୁଛନ୍ତି ସେତେବେଳେ ବୁଝାବଣା ସଠିକ୍ ନହେବା ଯୋଗୁଁ ସମ୍ପର୍କରେ ଦୂରତା ଓ ଫାଟ ସୃଷ୍ଟି ହେଉଛି । ପୁଣି କେତେକ କ୍ଷେତ୍ରରେ ଦେଖାଯାଇଥାଏ କି ମହିଳାମାନଙ୍କ ବାନ୍ଧବିମାନେ ନକାରତ୍ମକ ଚିନ୍ତାଧାରା ସେମାନଙ୍କ ମନରେ ଭରିଥାନ୍ତି । ଆଉ କେତେକ କ୍ଷେତ୍ରରେ ପିତାମାତା ନିଜ କନ୍ୟାମାନଙ୍କୁ ଖରାପ ଶିକ୍ଷା ଦେଇଥାନ୍ତି, ଯଦ୍ୱାରା ପୁଅ ଝିଅ ଅବା ପତିପତ୍ନୀଙ୍କ ପାରସ୍ପରିକ ବିଶ୍ୱାସ ଭଙ୍ଗ ହୋଇଥାଏ, ଅବା ସେମାନେ ପରସ୍ପରକୁ ସନ୍ଦେହ କରିବାକୁ ଲାଗିଥାନ୍ତି । ଦୁଃଖଦ ଯେ ପାକିସ୍ତାନରୁ ଯେଉଁ କନ୍ୟାମାନେ ବିବାହ କରି ଏଠାକୁ ଆସୁଛନ୍ତି, ଏଠାକାର ସ୍ୱାଧୀନତା ଦେଖି ଏମାନଙ୍କ ରଙ୍ଗରେ ରଙ୍ଗୀନ୍ ହୋଇ ଅନୁଚିତ୍ (ଜିନିଷ) ଦାବି କରିବା ଆରମ୍ଭ କରିଥାନ୍ତି । କେତେକ ଘର ତ ବସିବା ପୂର୍ବରୁ ହିଁ ସେମାନଙ୍କ ବନ୍ଧୁବାନ୍ଧବ ଭାଙ୍ଗିଦେଇଥାନ୍ତି ଏବଂ ଏଥିରେ କେବଳ କନ୍ୟା କିମ୍ବା କନ୍ୟାପକ୍ଷ ଦାୟୀ ନୁହନ୍ତି ବରଂ ସ୍ୱାମୀମାନେ ମଧ୍ୟ ଦାୟୀ । ଏପରିକି

(ଘର ଭାଙ୍ଗିବାର କାରଣ) କନ୍ୟାମାନଙ୍କ ତୁଳନାରେ ସ୍ୱାମୀମାନଙ୍କ ଅନୁପାତ ବେଶ୍ ଅଧିକ ଅଟେ । ଏହାର ମୂଖ୍ୟ କାରଣ ଅଧିକାଂଶ ଯୁବକ ଓ ଯୁବତୀଙ୍କର ମିଛ କହିବା ଅଟେ । ଯେମିତି (ବିବାହ ପୂର୍ବରୁ) ଉଭୟ ନିଜ ଅବସ୍ଥା ସମ୍ପର୍କରେ ଅନ୍ୟଜଣକୁ ସମ୍ପୂର୍ଣ୍ଣରୂପେ ଅବଗତ କରାଇନଥାନ୍ତି । ପୁଣି କେତେକ ପିତାମାତା ଜୋର ଜବରଦସ୍ତି ବନ୍ଧୁବାନ୍ଧିଥାନ୍ତି କି ପରବର୍ତୀ ସମୟରେ ସବୁକିଛି ସାମାନ୍ୟ ହୋଇଯିବ । କିନ୍ତୁ ଯୁବକ ଯୁବତୀଙ୍କ ମଧ୍ୟରେ ଶିକ୍ଷାଗତ ତଫାତ୍, ଚାଲିଚଳଣ ଆଚାର ବ୍ୟବହାରରେ ପାର୍ଥକ୍ୟ ଏପରି ପରିସ୍ଥିତି ଉପୁଯିବାର ମୂଖ୍ୟ କାରଣ ହୋଇଥାଏ ।

ସେ ଯାହା ହେଉ ଯୁବକ ହୁଅନ୍ତୁ ଅବା ଯୁବତୀ କେବଳ ଜଣକୁ ଶତ ପ୍ରତିଶତ ଦୋଷ ଦେଇହେବ ନାହିଁ । କେତେକ କ୍ଷେତ୍ରରେ ଯୁବକମାନେ ଦୋଷ କରିଥାନ୍ତି ତ କେତେକ କ୍ଷେତ୍ରରେ କନ୍ୟାମାନେ ଦୋଷି ସାବ୍ୟସ୍ତ ହୋଇଥାନ୍ତି । ପୁଣି ଯେପରିକି ମୁଁ କହିଲି ଏହାର ପ୍ରଭାବ ସେମାନଙ୍କ ପିଲାମାନଙ୍କ ଉପରେ ମଧ୍ୟ ପଡ଼ିଥାଏ । ପିତାମାତା ଅଲଗା ହେବା ଦ୍ୱାରା ପିଲାମାନେ ଯାହାଙ୍କ ପାଖରେ ରୁହନ୍ତୁ ନା କାହିଁକି ସେମାନଙ୍କ ଚାରିତ୍ରିକ ତଥା ଅନ୍ୟାନ୍ୟ (କାର୍ଯ୍ୟ) ଦକ୍ଷତା ପ୍ରଭାବିତ ହୋଇଥାଏ । ପୁଣି ପତିପତ୍ନୀଙ୍କ କଥାରେ ସେମାନଙ୍କ ପିତାମାତାଙ୍କ ଅନୁପ୍ରବେଶ, ମିଥ୍ୟା ବଚନ ଇତ୍ୟାଦି ଯୋଗୁଁ ଆରୋପ ପ୍ରତ୍ୟାରୋପର ଧାରା ଆରମ୍ଭ ହୋଇଯାଇଥାଏ । ଯେପରିକି ମୁଁ କହିଲି (ଏପରି କ୍ଷେତ୍ରରେ) ସତ କହିବା ଅତ୍ୟନ୍ତ ଜରୁରୀ, ନଚେତ୍ ଏପରି ପରିସ୍ଥିତି ଉପୁଯିବା ସ୍ୱାଭାବିକ୍ । ପୁଣି କନ୍ୟାମାନଙ୍କ ମନରେ କେତେକ କଥା ସ୍ୱାମୀ ଓ ତାହାର ପରିବାର ବର୍ଗଙ୍କ ସମ୍ବନ୍ଧରେ ଉତ୍ପନ୍ନ ହୋଇଥାଏ । ଯେପରିକି ଶାଶୁ କିମ୍ବା ତାଙ୍କର ବନ୍ଧୁବାନ୍ଧବ କନ୍ୟା ନିକଟରେ ସର୍ବଦା ନିଜ ପୁତ୍ରର ସୁଗୁଣ ବଖାଣିଥାନ୍ତି କି ଆମ ପୁଅ ଏମିତି, ସେମିତି ଏବଂ ଏପରି ସେମାନେ ବୋହୂକୁ ନିଚ ଓ ତୁଚ୍ଛ ପ୍ରମାଣିତ କରିବାକୁ ଚେଷ୍ଟା କରିଥାନ୍ତି । ପୁଣି କନ୍ୟାମାନେ ଅଭିଯୋଗ କରିଥାନ୍ତି କି ସେମାନଙ୍କ ସ୍ୱାମୀ ନିଜ କର୍ତବ୍ୟ ସଠିକ୍ ରୂପେ ନିର୍ବାହ କରୁନାହାନ୍ତି, ନା ନିଜ କର୍ତବ୍ୟ ପ୍ରତି ସଚେତନ ଅଟନ୍ତି । ଏପରି ଅଭିଯୋଗର ଏକ ସ୍ରୋତ ଉଭୟ ପକ୍ଷରେ ପ୍ରବାହିତ ହୋଇଥାଏ ।

ଯଦି ଗୋଟିଏ ବାକ୍ୟରେ ଏହି ପାରିବାରିକ ସମସ୍ୟାର କାରଣ ଦର୍ଶାଯାଏ ତେବେ ତାହା, ଲୋକମାନଙ୍କର ଧର୍ମଠାରୁ ଦୂରେଇ ଯିବା ଅଟେ । ଧାର୍ମିକ ଶିକ୍ଷା ସହ ପରିଚିତ ନହେବା, ସେଥିପ୍ରତି ଅନିଚ୍ଛା ତଥା ସାଂସାରିକ ଭୋଗବିଳାଷ ଓ ସଂସାର ଲାଭ କରିବାରେ ପ୍ରବଳ ମନଯୋଗ କରିବା ଅଟେ । ସୁତରାଂ ଯଦି ଉକ୍ତ ସମସ୍ୟାର ସମାଧାନ ଚାହଁ ତେବେ ଧାର୍ମିକ ଶିକ୍ଷା ପ୍ରତି ନଜର କରିବା ଆବଶ୍ୟକ । ତାହାରି ଆଧାରରେ ହିଁ ସମାଧାନ ସମ୍ଭବ । ଗୋଟିଏ ପାର୍ଶ୍ୱରେ ଆମ୍ଭେ ନିଜକୁ ଅହେମଦି କହି ଧର୍ମକୁ ପ୍ରାଥମିକତା ଦେବାର ଘୋଷଣା କରୁଅଛେ । ଯଦି ଏଥିରେ କିଛି ବାସ୍ତବିକତା ଅଛି ତେବେ ଆମ୍ଭକୁ ଏପରି ସମସ୍ୟାର ସମାଧାନ ପବିତ୍ର କୋରାନ, ହଦିସ ଓ ହଜରତ ମସିହ ମଉଦ ଆ.ସଙ୍କ ଶିକ୍ଷାରେ ଖୋଜିବା ଉଚିତ୍ । ----ଆମର ସୌଭାଗ୍ୟ ଯେ, ଆମେ ମୁସଲମାନ ହେବା ସହିତ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ଧର୍ମକୁ ପ୍ରାଥମିକତା ଦେବାର ପ୍ରତିଜ୍ଞା କରିଛେ । ପୁଣି ଏହି ପ୍ରତିଜ୍ଞା ଆମେ ବିଭିନ୍ନ ସମୟରେ ପୁନରାବୃତି ମଧ୍ୟ କରିଥାଉ । କିନ୍ତୁ ଯେତେବେଳେ ଏଥି ମୁତାବକ ଅମଳ କରିବାର ସମୟ ଆସେ ସେସବୁ ଆମେ ଭୁଲିଯାଇଥାଉ । ବିଶେଷକରି ବିବାହ ଉତ୍ସବ ସମୟରେ ଧର୍ମର ସେବକମାନେ ହିଁ ସବୁକିଛି ଭୁଲିଯାଇଥାନ୍ତି । ଯେତେବେଳେ କି ଏପରି ଅବସରରେ ଧର୍ମକୁ ପ୍ରାଥମିକତା ଦେବାର ହଜରତ ମହମ୍ମଦ ସ.ଆ ଆମ୍ଭକୁ ନିର୍ଦ୍ଦେଶ ଦେଇଛନ୍ତି । ହଜରତ ମହମ୍ମଦ ସ.ଆଙ୍କ ଏହି ଶିକ୍ଷାକୁ ସର୍ବଦା ମନେରଖିବା ଉଚିତ୍ । ଯାହାକି ଆପଣ ବନ୍ଧୁ ବାନ୍ଧିବା ସମୟରେ ନିଜ ସମ୍ମୁଖରେ ରଖିବାର ନିର୍ଦ୍ଦେଶ ଦେଇଛନ୍ତି । ଯେପରିକି ହଜରତ ଅବୁହୁରେରାଃ ବର୍ଣ୍ଣନା କରିଛନ୍ତି କି ହଜୁର ସ.ଆ କୁହନ୍ତି- ଜଣେ ଚାରୋଟି କାରଣ ଦେଖି (ଜଣେ ଯୁବତୀ ସହିତ) ବିବାହ କରିଥାଏ । ଯେପରି ତାହାର ଧନସମ୍ପତି, ଉଚ୍ଚ ବଂଶ ଓ ଆଭିଜାତ୍ୟ, ସୌନ୍ଦର୍ଯ୍ୟ ଓ ତାହାର ଧର୍ମପରାୟଣତା । ଅତଏବ ତୁମେ (ବିବାହ ନିମନ୍ତେ) ଧର୍ମପରାୟଣ ମହିଳାର ହିଁ ଚୟନ କର । ଅଲ୍ଲାଃତାଲା ତୁମର ମଙ୍ଗଳ କରନ୍ତୁ । ଯଦି ଏକଥା (ପ୍ରତ୍ୟେକ) ଯୁବକ ଓ ତାହାର ପରିବାର ବର୍ଗ ମନେରଖି କାର୍ଯ୍ୟ କରନ୍ତି ତେବେ କନ୍ୟାପକ୍ଷ ଧର୍ମକୁ ପ୍ରାଥମିକତା ଦେବା ଆରମ୍ଭ କରିଦେବେ ଏବଂ ଏପରି ଅବସ୍ଥାରେ ଅନେକଗୁଡିଏ ସନ୍ଦେହ ଯାହାକି କନ୍ୟା ଓ ବରପକ୍ଷ ପରିବାର ମଧ୍ୟରେ ସୃଷ୍ଟି ହୋଇଥାଏ । ସେସବୁ ଦୂର ହୋଇଯିବ ଏବଂ ଯେଉଁ ଯୁବକ ଧର୍ମପରାୟଣ ଯୁବତୀ ଚାହୁଁଥିବ ତାହାକୁ ନିଜର କାର୍ଯ୍ୟକଳାପ ମଧ୍ୟ ଧାର୍ମିକ ଶିକ୍ଷା ମୁତାବକ ରଖିବାକୁ ହେବ । ମନେରଖ ଯେ ଧାର୍ମିକ ଶିକ୍ଷା ମୁତାବକ ଅମଳ କରୁଥିବ ତାହା ଘରେ କଦାପି ଛୋଟ ଛୋଟ କଥାରେ କଳହ କିମ୍ବା ବିଭ୍ରାଟ ସୃଷ୍ଟି ହେବ ନାହିଁ । ନା ବରପକ୍ଷ କନ୍ୟାପକ୍ଷଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ । ଇସଲାମ ଏହି ଶିକ୍ଷା ଦେଇଥାଏ କି ବନ୍ଧୁ ବାନ୍ଧିବା ପୂର୍ବରୁ ଇସ୍‌ତେଖାରା କର । ଯାହାକି ମଙ୍ଗଳ କାମନା କରିବା ଏବଂ ଯଦି ସେଥିରେ ଅମଙ୍ଗଳ ଧାର୍ଯ୍ୟ ରହିଛି ତେବେ ସେଥିରେ ବାଧକ ସୃଷ୍ଟି କରି ଯେକୌଣସି ମତେ ତାହା ଭଙ୍ଗହେବା ନିମନ୍ତେ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବା ଅଟେ । ଏଥିସମ୍ବନ୍ଧରେ ପ୍ରଥମ ଖଲିଫା ବେଶ୍ ସୁନ୍ଦର ଭାବରେ କୁହନ୍ତି-

ହଜରତ ମହମ୍ମଦ ସ.ଆ ଆମ୍ଭକୁ ଏଭଳି ସୁନ୍ଦର ଶିକ୍ଷା ଦେଇ ଆମ୍ଭ ଉପରେ ବହୁତ ବଡ଼ ଦୟା କରିଛନ୍ତି । ଯଦି ତଦନୁଯାୟୀ ଅମଳ କରାଯାଏ ତେବେ (ଇନ୍ନଶାଅଲ୍ଲାଃ ପ୍ରତ୍ୟେକ) ବିବାହ ନିଶ୍ଚିତରୂପେ ସୁଖ ପ୍ରଦାନକାରୀ ହେବ । ଆପଣ କୁହନ୍ତି ସର୍ବ ପ୍ରଥମ ଉପାୟ ହଜୁର ସ.ଆ ଆମକୁ ଶିକ୍ଷା ଦେଲେ କି ବିବାହର ମୂଳ ଉଦ୍ଦେଶ୍ୟ ଧର୍ମ ଅଟେ । ସୌନ୍ଦର୍ଯ୍ୟ ଓ ରୂପ ବର୍ଣ୍ଣରେ ଭାସିଯାଇ ଅବା ସମ୍ପତି ହାସଲ କରିବା ଅବା ଉଚ୍ଚ ବଂଶ ଓ ଆଭିଜାତ୍ୟ ଆଦି ତୁମକୁ କ୍ଷତିଗ୍ରସ୍ତ ନକରୁ । ପ୍ରଥମେ ନିଜ ନିୟତ (ଉଦ୍ଦେଶ୍ୟ) ପବିତ୍ର ରଖ ଦ୍ୱିତୀୟରେ ବିବାହ ପୂର୍ବରୁ ଇସ୍‌ତେଖାରା କର । ସୁତରାଂ ବିବାହ ବନ୍ଧନ ପୂର୍ବରୁ ଅଲ୍ଲାଃଙ୍କ ନିକଟରେ ଏହି ଦୁଆ କରିବା କି ଯଦି ଉକ୍ତ ସମ୍ପର୍କରେ (ଆମ୍ଭର) ମଙ୍ଗଳ ସାଧିତ ହେବ ତେବେ ସମ୍ପର୍କ ଯୋଡ଼ିଯାଉ । ଏପରି ଅଲ୍ଲାଃଙ୍କ କୃପାରୁ ବୈବାହିକ ଜୀବନ କୃତକାର୍ଯ୍ୟ ହୋଇଥାଏ କିନ୍ତୁ ମନେରଖିବା ଉଚିତ୍ ଯେ, ବିବାହ ପରେ ମଧ୍ୟ ଇସତାନ ବାରମ୍ବାର ଆକ୍ରମଣ କରିଥାଏ । ତେଣୁ ଏହି ଦୁଆ ସର୍ବଦା କରିବା ଉଚିତ୍ ଯେ, ଆମ୍ଭର ବୈବାହିକ ଜୀବନ ଶାନ୍ତି, ପ୍ରେମ ଓ ଭଲପାଇବାର ସହିତ ଅତିବାହିତ ହେଉ । ପ୍ରଥମ ଖଲିଫା ଇସ୍‌ତେଖାରାର ଗୁରୁତ୍ୱ ଦର୍ଶାଇ ଗୋଟିଏ ସ୍ଥାନରେ କୁହନ୍ତି- ବଡ଼ ବଡ଼ କାର୍ଯ୍ୟ ମଧ୍ୟରେ ବିବାହ କରିବା ଅନ୍ୟତମ । ଦେଖ ଆମ୍ଭେମାନେ ପରିଣତିରୁ ଅଜଣା ଥାଉ କିନ୍ତୁ ଅଲ୍ଲାଃତାଲା ସବୁକିଛି ଜାଣନ୍ତି । ସୁତରାଂ ବେଶ୍ ଭଲକରି ଇସ୍‌ତେଖାରା କରି ଅଲ୍ଲାଃଙ୍କ ସାହାର୍ଯ୍ୟ ଭିକ୍ଷା କରିବା ଉଚିତ୍ । ବିବାହ ଉତ୍ସବ ସମୟରେ ପବିତ୍ର କୋରାନର ଯେଉଁ ପଙ୍କ୍ତି ପାଠ କରାଯାଇଥାଏ, ସେଥିସମ୍ବନ୍ଧରେ ଆପଣ କୁହନ୍ତି- ଏଥିରେ ଉପଦେଶ ରହିଛି କି ଈଶ୍ୱର ଭୟ ସମ୍ମୁଖରେ ରଖି ନିଜ ସମ୍ପର୍କୀୟଙ୍କ ପ୍ରତି ଥିବା ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସହିତ ସତ କୁହ ଏବଂ ନିଜର ନିରିକ୍ଷଣ କର କି ତୁମେ ଆସନ୍ତା ପାଇଁ କଣ କରୁଅଛ । ଯଦି ତୁମେ ଭବିଷ୍ୟତରେ କୃତକାର୍ଯ୍ୟ ହେବାକୁ ଚାହଁ ତେବେ ଧର୍ମଭୀରୁତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ । ବିବାହ ସମ୍ପର୍ଣ୍ଣ ହେବା ପରେ ହଜରତ ମହମ୍ମଦ ସ.ଆ ଆମକୁ ନିର୍ଦ୍ଦେଶ ଦେଲେ କି ବରକୁ ଏହି ସୁଭେଚ୍ଛା ପ୍ରଦାନ କର- **ବାରକଲ୍ ଲାହୁଲକା ଓ ବାରକା ଅଲୈକା ଓ ଜମା ବଏନକା ମାଫିଲ୍ ଖୈର** ଅର୍ଥାତ ଅଲ୍ଲାଃତାଲା ତୁମକୁ ତଥା ତୁମଦୁହିଁଙ୍କୁ ବରକତ ପ୍ରଦାନ କରନ୍ତୁ, ତୁମ ଦୁହିଁଙ୍କୁ ଉତମକର୍ମ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ସୁତରାଂ ପ୍ରତ୍ୟେକ ମୁହୁର୍ତ୍ତରେ (ନିଜ) ମଙ୍ଗଳ ଓ ବରକତ୍ ପାଇଁ ଦୁଆ କରିବାରେ ହିଁ ସମ୍ପର୍କ ବାବରକତ୍ ହୋଇଥାଏ । କେତେକ ଲୋକ ପାକିସ୍ତାନ ଓ ଭାରତର (ପରିବେଶର) ପ୍ରଭାବ ହେତୁ ଏବେ ମଧ୍ୟ (ପ୍ରସ୍ତାବ ପଡ଼ିଲେ) ବଂଶ ଓ ଆଭିଜାତ୍ୟରେ ସମାନତା ଅଛି ନା ନାହିଁ ଦେଖିଥାନ୍ତି । ଯେତେବେଳେ କି ଅଲ୍ଲାଃତାଲା କୁହନ୍ତି- ଯଦି ପ୍ରସ୍ତାବ ଆସେ ତେବେ ଦୁଆ କର ଓ ଇସ୍‌ତେଖାରା କର । ଧର୍ମକୁ ପ୍ରାଥମିକତା ଦିଅ କିନ୍ତୁ ଏହା ପରିବର୍ତେ ଲୋକେ ବଂଶ ଓ ଗୋଷ୍ଠୀଗତ ସମାନତା ଦେଖୁଛନ୍ତି । ହଜରତ ମସିହ ମଉଦ ଆ.ସ କୁହନ୍ତି ବନ୍ଧୁବାନ୍ଧିବା ସମୟରେ କେବଳ ଏହା ଦୃଷ୍ଟରେ ରଖିବା ଉଚିତ୍ ଯେ, ଯାହା ସହ ସମ୍ପର୍କ ଯୋଡୁଛ ସେ ପୁଣ୍ୟବନ୍ତ ଓ ଉତମ ଚରିତ୍ରର ନା, ନାହିଁ । ଉକ୍ତ ଯୁବକ ଏପରି କୌଣସି ବିଭ୍ରାଟରେ ଯଡ଼ିତ ନଥାଉ ଯାହାକି ପରବର୍ତୀ ସମୟରେ ଉଭୟଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ । ମନେରଖିବା ଉଚିତ୍ ଯେ, ଧର୍ମ ସଂକ୍ରାନ୍ତରେ ବଂଶ ପରମ୍ପରା, ଆଭିଜାତ୍ୟ ତଥା ଗୋଷ୍ଠୀର କୌଣସି ଦଖଲ ନାହିଁ । କେବଳ ଧର୍ମଭୀରୁତା ଓ ଉତମ ଚରିତ୍ର ରହିବା ଆବଶ୍ୟକ । ସୁତରାଂ ମୂଳ ଜିନିଷ ଧର୍ମଭୀରୁତା ଅଟେ, ବାକିସବୁ ବିଦ୍‌ଅତ (କୁପ୍ରଥା) ଅଟେ । ହଁ ସମକକ୍ଷ ଦେଖିବାରେ କୌଣସି ବାରଣ ନାହିଁ ବରଂ ଏହାର ନିର୍ଦ୍ଦେଶ ରହିଛି । ତେଣୁ ତାହା ନିଶ୍ଚିତ ରୂପେ ଦେଖ କିନ୍ତୁ ସେଥିରେ ଅଟଳ ରହିଯାଅ ନାହିଁ ।

କେତେକ ଲୋକ ନିଜ ବଂଶ ଓ ଆଭିଜାତ୍ୟକୁ ନେଇ ବେଶ୍ ଗର୍ବ କରିଥାନ୍ତି । ଏଭଳି ଜଣେ ବ୍ୟକ୍ତି ଏକଦା ପ୍ରଥମ ଖଲିଫାଙ୍କ ନିକଟକୁ ଆସି କହିଲେ ମୁଁ ସୟଦ୍ ଅଟେ । ମୋ କନ୍ୟାର ବିବାଘର ଅଛି ଆପଣ ମୋତେ କିଛି ସାହାର୍ଯ୍ୟ କରନ୍ତୁ । ହଜୁର ତାଙ୍କୁ କହିଲେ ମୁଁ ତୁମ କନ୍ୟାକୁ ସେସବୁକିଛି ପ୍ରଦାନ କରିବି ଯାହାକି ହଜରତ ମହମ୍ମଦ ସ.ଆ ନିଜ କନ୍ୟା ହ. ଫାତିମାଙ୍କୁ ପ୍ରଦାନ କରିଥିଲେ । ଏହା ଶୁଣିବା ମାତ୍ରେ ସେ କହିଉଠିଲେ ଆପଣ ମୋ ନାକ କାଟିବାକୁ ଚାହୁଁଛନ୍ତି । ପ୍ରଥମ ଖଲିଫା ତାଙ୍କୁ କହିଲେ କଣ ତୁମ ନାକ ହଜରତ ମହମ୍ମଦ ସ.ଆଙ୍କ ଠାରୁ ବଡ଼ ଅଟେ ।

ହଜୁର ଅନଓ୍ୱର ଅ.ବ କହିଲେ- କେତେକ ସମୟରେ ମହିଳାମାନଙ୍କୁ ଏହି କଟୁଭାଷା ଶୁଣିବାକୁ ପଡ଼ିଥାଏ କି ଯେ ଖୁବ୍ କମ୍ ଯୌତୁକ ଆଣିଛି । କନ୍ୟାମାନଙ୍କୁ ଏପରି କଷ୍ଟ ଦେଉଥିବା ଲୋକମାନଙ୍କୁ ଶିକ୍ଷା ହାସଲ କରିବା ଉଚିତ୍ ଏବଂ କନ୍ୟାପକ୍ଷ ମଧ୍ୟ ନିଜ ସାମର୍ଥ୍ୟ ଅନୁଯାୟୀ ଝିଅକୁ ନିଶ୍ଚିତ ଯୌତୁକ ଦେବା ଉଚିତ୍ । କିନ୍ତୁ ଅଯଥା ନିଜ ଉପରେ ବୋଝ ଲଦିବା ଉଚିତ୍ ନୁହେଁ । ଇସ୍‌ତେଖାରା କରିବା ପୂର୍ବରୁ ଯେଉଁଠାରୁ ପ୍ରସ୍ତାବ ଆସେ ସେହି କନ୍ୟାକୁ (ଥରେ) ଦେଖିନେବା ଉଚିତ୍ । ଏଥିସମ୍ବନ୍ଧରେ ହଜରତ ମହମ୍ମଦ ସ.ଆଙ୍କର ଯେଉଁ ନିର୍ଦ୍ଦେଶ ରହିଛି ଯାହାକି ହଜରତ ଅବୁହୁରେରାଃ ବର୍ଣ୍ଣନା କରିଛନ୍ତି କି ଏକଦା ମୁଁ ହଜୁର ସ.ଆଙ୍କ ନିକଟରେ ଉପସ୍ଥିତ ଥିଲି ଜଣେ ବ୍ୟକ୍ତି ଆସି ହଜୁରଙ୍କୁ କହିଲେ ହଜୁର ମୁଁ ଅନସାରଙ୍କ ଜଣେ

ମହିଳାଙ୍କୁ ବିବାହ କରିବା ନିମନ୍ତେ ପ୍ରସ୍ତାବ ପଠାଇଛି । ହଜୁର ତାଙ୍କୁ ପଚାରିଲେ କଣ ତୁମେ ଉକ୍ତ ମହିଳାଙ୍କୁ ଦେଖିଛ ? ସେ ଉତର ଦେଲେ ନା । ହଜୁର କହିଲେ ପ୍ରଥମେ ଉକ୍ତ କନ୍ୟାକୁ ଦେଖି ନିଅ କାରଣ ସମ୍ଭବତଃ ଅନସାରଙ୍କ ମନରେ କିଛି କଥା ଥିବ । ଅତଏବ କନ୍ୟାକୁ ଦେଖିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ କେତେକ ବରପକ୍ଷ ନିଜ ଗର୍ବ, ଅହଂକାର ଫଳରେ ପୁତ୍ରକୁ ସାଥିରେ ନେଇ କନ୍ୟା ଘରେ ପହଂଚିଯାଇଥାନ୍ତି । ଯଦିଓ ତାହା ପୂର୍ବରୁ ସେମାନେ କନ୍ୟାର ଫଟୋ ଦେଖିନେଇଥାନ୍ତି ତଥାପି ଉକ୍ତ ପ୍ରସ୍ତାବଟିକୁ ଲଟକାଇ ରଖିଥାନ୍ତି । କାରଣ ସେମାନେ ସ୍ଥିର କରିଥାନ୍ତି କି ଯଦି ଆଉ କୌଣସି ଭଲ ପ୍ରସ୍ତାବ ମିଳିଯାଏ ତେବେ ପ୍ରଥମ ପ୍ରସ୍ତାବ କରିବା ନାହିଁ । ଏପରି କାହାରିକୁ ଲଟକାଇ ରଖିବା ଅନୁଚିତ୍ ଅଟେ ।

ବିବାହର ଉଦ୍ଦେଶ୍ୟ ଯେପରିକି ଆମ୍ଭକୁ ଶିକ୍ଷା ଦିଆଯାଇଛି ଧର୍ମ (କ୍ଷେତ୍ରରେ ଉନ୍ନତି କରିବା) ଅଟେ । ଯଦି ଏଥିମୁତାବକ ଅମଳ କରାଯାଏ ତେବେ କୌଣସି କନ୍ୟାର ମନକୁ ଆଘାତ ଲାଗିବ ନାହିଁ, ନା ଗର୍ବ ଅହଂକାର ଫଳରେ କାହାରିକୁ କଷ୍ଟ ଦେବାର ଘଟଣା ଘଟିବ । ହଜରତ ମସିହ ମଉଦ ଆ.ସ ବିବାହ କରିବାର ଉଦ୍ଦେଶ୍ୟ ବର୍ଣ୍ଣନା କରି କୁହନ୍ତି– ପବିତ୍ର କୋରାନ ଆମ୍ଭକୁ ଏହି ଶିକ୍ଷା ଦେଉଅଛି କି ପବିତ୍ର ରହିବା ନିମନ୍ତେ ବିବାହ ବନ୍ଧନରେ ବାନ୍ଧି ହୋଇଯାଅ ଏବଂ ବିବାହ ପରେ ଉତମ ସନ୍ତାନ ପ୍ରାପ୍ତି ନିମନ୍ତେ ପ୍ରାର୍ଥନା କର । ଯେପରିକି ଅଲ୍ଲାଃ କୁହନ୍ତି– **ମୁହ୍‌ସିନିନା ଗୈରା ମୁସାଫିହିନ୍** ଅର୍ଥାତ ତୁମ୍ଭର ବିବାହ ଏହି ଉଦ୍ଦେଶ୍ୟରେ ହେବା ଉଚିତ୍ କି ଏତତ୍ ଦ୍ୱାରା ତୁମେ ଧର୍ମଭୀରୁତା ଓ ପବିତ୍ରତାର ଦୁର୍ଗରେ ପ୍ରବେଶ କରିବ । ଦେଖ ମୁହସିନିନାର ଅର୍ଥ ଏହା ମଧ୍ୟ ଅଟେ କି ଯେ ବିବାହ କରିନଥାଏ ସେ କେବଳ ଆଧାତ୍ମିକ କ୍ଷେତ୍ରରେ କ୍ଷତିଗ୍ରସ୍ତ ହୋଇନଥାଏ ବରଂ ଶାରୀରିକ କ୍ଷେତ୍ରରେ ମଧ କ୍ଷତିଗ୍ରସ୍ତ ହୋଇଥାଏ । ବିବାହ କରିବାରେ ତିନୋଟି ଉପକାର ସାଧିତ ହୋଇଥାଏ । ପ୍ରଥମ ସତୀତ୍ୱ ଓ ପବିତ୍ରତାର ସୁରକ୍ଷା ଦ୍ୱିତୀୟରେ ସ୍ୱାସ୍ଥ୍ୟ ଲାଭ ଏବଂ ତୃତୀୟରେ ସନ୍ତାନ ପ୍ରାପ୍ତି । ଯଦି ଏସବୁ ଦୃଷ୍ଟିରେ ରଖି ବନ୍ଧୁ କରାଯାଏ ତେବେ ସମସ୍ୟା ଉପୁଯିନଥାଏ ଏବଂ ସଂସାରକୁ ପ୍ରାଥମିକତା ଦେବା ପରିବର୍ତେ ମଣିଷ ଧର୍ମକୁ ପ୍ରାଥମିକତା ଦେଇ ବିବାହ କରିଥାଏ ।

କେତେକ ଘରେ ଏଥିପାଇଁ କଳହ ଓ ବିଭ୍ରାଟ ଦେଖାଦେଇଥାଏ କି ବିବାହ ପରେ ସ୍ୱାମୀ ନିକଟରେ ନିଜ ପତ୍ନୀକୁ ରଖିବା ନିମନ୍ତେ ଅଲଗା ଘର ନଥାଏ ଓ ସେ ନିଜ ପିତାମାତାଙ୍କ ସହିତ ରହୁଥାଏ । ଏହାର କେତେକ କାରଣ ରହିଥାଏ ଯେମିତି ଉକ୍ତ ଯୁବକର ଆମଦାନି ଏଭଳି ନଥାଏ କି ସେ ଏକ ଅଲଗା ଘର ନେଇ ରହିପାରିବ କିମ୍ବା ଯଦି ସେ ଅଧ୍ୟୟନରତ ଥାଏ ତେବେ ତ ଏହା ଅସମ୍ଭବ, ଯାହାକି ତାହର ପତ୍ନୀକୁ ବୁଝିବା ଉଚିତ୍ । ତେଣୁ କିଛି ସମୟ ନିଜ ଶ୍ୱଶୁର ଘରେ ଅତିବାହିତ କରିନେବା ଉଚିତ୍ । କିନ୍ତୁ କେତେକ ଯୁବକ ନିଜ କର୍ତବ୍ୟ ନିର୍ବାହ କରିବାରେ ଅବହେଳା କରିବା ତଥା ପିତାମାତାଙ୍କ କଥା ଓ ଚାପରେ ତାଙ୍କ ସହିତ ରହିଥାନ୍ତି । ଯେତେବେଳେ କି ସେ ଅଲଗା ଘର ନେଇ ରହିବା ପାଇଁ ସକ୍ଷମ । ଏଥିସମ୍ବନ୍ଧରେ ଇସଲାମୀୟ ଶିକ୍ଷା ଏପରି ଅଟେ, ଅଲ୍ଲାଃତାଲା କୁହନ୍ତି– **ଲୈସା ଆଲଲ୍ ଆମା ହରଜୁଁ ୱଲା ଆଲଲ୍ ମରିଜେ ହରଜୁଁ ୱଲା ଆଲା ଅନ୍‌ଫୁସିକୁମ୍ ଅନ୍‌ତକୁଲୁ ମିମ୍ ବୁୟୁତିକୁମ୍ ଅୱ୍ ବୁୟୁତି ଆବାଇକୁମ୍ ଅୱ୍ ବୁୟୁତି ଉମ୍ମହାତିକୁମ୍** ଅର୍ଥାତ ଅନ୍ଧ ଛୋଟା ବା ପୀଡ଼ିତ ଲୋକମାନଙ୍କ ପକ୍ଷରେ ବା ତୁମମାନଙ୍କ ପକ୍ଷରେ ସ୍ୱଗୃହରୁ ବା ନିଜ ପିତୃପିତାମହଙ୍କ ଗୃହରୁ ବା ନିଜ ମାତାମାନଙ୍କ ଗୃହରୁ କୌଣସି ବସ୍ତୁ ଖାଇବାରେ କୌଣସି କ୍ଷତି ନାହିଁ । ପ୍ରଥମ ଖଲିଫା ଏହାର ବେଶ୍ ସୁନ୍ଦର ସ୍ୱଷ୍ଟିକରଣ କରି କୁହନ୍ତି– ଭାରତରେ ଅଧିକାଂଶ ଘରେ ସାସୁ ବୋହୁଙ୍କ ଝଗଡ଼ା କରିବାର ଅଭିଯୋଗ ହୋଇଥାଏ । ଯଦି ସେମାନେ କୋରାନର ଶିକ୍ଷା ମୁତାବକ ଅମଳ କରନ୍ତି ତେବେ ଏପରି ସମସ୍ୟା କଦାପି ସୃଷ୍ଟି ହେବ ନାହିଁ । ଦେଖ ଉକ୍ତ ପକ୍ତିଂରେ ସ୍ୱଷ୍ଟ ଦର୍ଶାଯାଇଛି ଯେ, ଘର ଅଲଗା ଅଲଗା ହେବା ଉଚିତ୍ ମାର ଘର ଓ ପିଲାମାନେ ବିବାହେବା ଅନ୍ତେ ସେମାନଙ୍କ ଘର ଅଲଗା ହେବା ଉଚିତ୍ ତେବେ ତ ଯାଇ ପରସ୍ପରକୁ ଖାଇବାକୁ ନିମନ୍ତଣ ଦେବ । ସୁତରାଂ ଯଦି କୌଣସି ସମସ୍ୟା ନଥାଏ ତେବେ ଘର ଅଲଗା ଅଲଗା ହେବା ଉଚିତ୍ । ଏତତ୍ ଦ୍ୱାରା ଶାଶୁ ବୋହୁ, ନଣନ୍ଦ ଭାଉଜର ସମସ୍ୟା ଦୂର ହେବା ସହିତ ପତିପତ୍ନୀ ନିଜ ନିଜର କର୍ତବ୍ୟ ବୁଝିପାରିବେ । ଅଲ୍ଲାଃତାଲା କୁହନ୍ତି **ୱ୍ ଆଶିରୁହୁନ୍ନା ବିଲ୍‌ମାରୁଫି ଫାଇନ୍ କରିହ୍‌ତୁମୁହୁନ୍ନା ଫଅସା ଅନ୍ ତକ୍‌ରହୁ ଶୈଆଉଁ ୱ୍ ୟଜ୍‌ଅଲ୍ଲାହୁ ଫିହ୍ ଖୈରାନ୍ କସିରା** ଅର୍ଥାତ ସେମାନଙ୍କ ସହିତ ଉତମ ବ୍ୟବହାର କର ଏବଂ ଯଦି ତୁମେମାନେ ସେମାନଙ୍କୁ ନାପସନ୍ଦ କର ତେବେ (ମନେରଖ)ସମ୍ଭବତଃ ତୁମେମାନେ ଯାହାକୁ ନାପସନ୍ଦ କରୁଥାଅ ଅଲ୍ଲାଃ ତହିଁରେ ଅଶେଷ କଲ୍ୟାଣ ରଖିଥାଇ ପାରନ୍ତି । ଏହାର ସ୍ୱଷ୍ଟିକରଣ କରି ପ୍ରଥମ ଖଲିଫା କୁହନ୍ତି ହେ ପ୍ରିୟଜନ ! ଯଦି ତୁମେ ନିଜ ପତ୍ନୀଙ୍କର କୌଣସି କାର୍ଯ୍ୟ ଦେଖ ଯାହାକି ତୁମେ ନାପସନ୍ଦ କର ତେବେ ତୁମେ ତାହା ସହ ଉତମ ବ୍ୟବହାର କର । ଅଲ୍ଲାଃ କୁହନ୍ତି ଏତତ୍ ଦ୍ୱାରା ଆମ୍ଭେ ତାଙ୍କ ମଧ୍ୟରେ ଉତମ ଓ ସୁଗୁଣ ଉତ୍ପନ୍ନ କରିଦେବୁ । ସମ୍ଭବତଃ ଗୋଟିଏ କଥା ବାସ୍ତବରେ ଉତମ ଅଟେ କିନ୍ତୁ ତୁମେ ତାହାକୁ ଖରାପ ମଣୁଥାଅ । ସୁତରାଂ ଯେଉଁ ସ୍ୱାମୀମାନେ ନିଜ ପତ୍ନୀଙ୍କୁ ତ୍ୟାଗ କରିବାରେ ଅବା ଉତମ ବ୍ୟବହାର

ନକରିବାରେ ଅବା ସେମାନଙ୍କ ଭାବନାର ଅନାଦର କରିବାରେ ଅବା ସେମାନଙ୍କ କିଛି କାର୍ଯ୍ୟ ଦେଖି ସେମାନଙ୍କ ସହ ଦୁର୍ବ୍ୟବହାର କରିବାରେ ଚଂଚଳତା ଅବଲମ୍ବନ କରିଥାନ୍ତି । ସେମାନଙ୍କୁ ଉକ୍ତ ପଙ୍କ୍ତିରୁ ଶିକ୍ଷା ହାସଲ କରିବା ଉଚିତ୍ । ପୁଣି ପୁରୁଷମାନଙ୍କର ଦ୍ୱିତୀୟ ବିବାହ କିମ୍ୱା ଦ୍ୱିତୀୟ ବିବାହ ପ୍ରତି ଆଗ୍ରହ ପ୍ରକାଶ କରିବା କାରଣରୁ ଅନେକ ସମସ୍ୟା ଦେଖିବାକୁ ମିଳୁଅଛି । ଘରମାନଙ୍କରେ କଳହ ଦେଖାଦେଇଥାଏ । ପୁରୁଷମାନଙ୍କୁ ମନେରଖିବା ଉଚିତ୍ ଯେ, ଯଦି ଇସଲାମ ଦ୍ୱିତୀୟ ବିବାହ କରିବାକୁ ଅନୁମତି ପ୍ରଦାନ କରିଛି ତେବେ ତାହା କିଛି ସର୍ତ୍ତ ଓ ଉଚିତ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଦାନ କରିଛି । ହଜରତ ମସିହ ମଉଦ ଆ.ସ ଏଥି ସମ୍ବନ୍ଧରେ ଉପଦେଶ ପୂର୍ବକ କୁହନ୍ତି- ଭଲ ଭାବରେ ମନେରଖ ଏଥିରେ ଅଲ୍ଲାଃଙ୍କର ଅସଲ ଉଦ୍ଦେଶ୍ୟ ତୁମ ଉପରେ ଯୌନକ୍ରିୟା ବିଜୟ ଲାଭ ନକରିବସୁ ବରଂ ଧର୍ମଭୀରୁତାର ପୂର୍ଣତା ନିମନ୍ତେ ଆବଶ୍ୟକତା ପୂରଣ ହେବା ଉଦ୍ଦେଶ୍ୟରେ (ଦ୍ୱିତୀୟ) ପତ୍ନୀ କର । ତେବେ ଏହା ମଧ୍ୟ ଧର୍ମଭୀରୁତା ପାଇଁ କରାଯାଇଥାଏ ଏବଂ ଏହା ବୈଦ୍ଧ ଅଟେ । କିନ୍ତୁ ଅନୁଧ୍ୟାନ କରିବା ଉଚିତ୍ ଯେ, ଯେଉଁ ବ୍ୟକ୍ତି ଦ୍ୱିତୀୟ ବିବାହ କରିବାକୁ ଇଚ୍ଛୁକ କଣ ସେ ଧର୍ମଭୀରୁତା ହାସଲ କରିବା ପାଇଁ, ନା କାମନାର ବଶବର୍ତ୍ତୀ ହୋଇ ଏପରି କରୁଅଛି । ପ୍ରତ୍ୟେକ ଦିବାରାତ୍ର ଯାହାକି ଅତିବାହିତ ହୋଇଥାଏ ଯଦି ଜଣେ କଷ୍ଟ ଓ ଅଳ୍ପ କିମ୍ୱା ନିମିତ ମାତ୍ର ଲୁହ ଝରାଇନଥାଏ ବରଂ ଅତ୍ୟଧିକ ଆନନ୍ଦିତ ହୋଇ ଅତିବାହିତ କରିନଥାଏ ତେବେ ମନେରଖ ତାହା ତାର ଧ୍ୱଂସ ହେବାର ଦୃଷ୍ଟାନ୍ତ ।

ପୁନଶ୍ଚ ଆପଣ ମହିଳାମାନଙ୍କୁ ଉପଦେଶ ପୂର୍ବକ କୁହନ୍ତି ଯଦି ପୁରୁଷ ବୈଦ୍ଧ ଆବଶ୍ୟକତା ପୂରଣ କରିବାକୁ ଯାଇ ଦ୍ୱିତୀୟ ବିବାହ କରନ୍ତି ତେବେ ସେଥିରେ ଚିତ୍କାର କରିବା ଉଚିତ୍ ନୁହେଁ । କିନ୍ତୁ ତୁମର କର୍ତ୍ତବ୍ୟ ଯେ, ତୁମେ ଦୁଆ କର କି ଅଲ୍ଲାଃତାଲା ଆମ୍ଭକୁ ଏପରି ସମୟ ହିଁ ନଦେଖାନ୍ତୁ । ଆପଣ ଆହୁରି କୁହନ୍ତି ଏହି ଯୁଗରେ ମହିଳାମାନେ କେତେକ ବିଦ୍‌ଅତରେ ମଧ୍ୟ କବଳିତ ରହିଛନ୍ତି । ସେମାନେ ପୁରୁଷମାନଙ୍କ ଏକାଧିକ ବିବାହକୁ ହିନ ଦୃଷ୍ଟିରେ ଦେଖିଥାନ୍ତି । ଏମିତିକି ଇସଲାମର ଏହି ଅନୁମତିରେ ବିଶ୍ୱାସ ହିଁ ନାହିଁ । ସେମାନଙ୍କୁ ଜଣା ନାହିଁ ଯେ, ଅଲ୍ଲାଃଙ୍କ ନିୟମ ସମସ୍ତ ପ୍ରକାର ଉପଚାର ନିଜ ଭିତରେ ରଖିଥାଏ । ଯଦି ଏହି ଅନୁମତି ଇସଲାମରେ ନଥାନ୍ତି ତେବେ ଯେଉଁ ପୁରୁଷମାନଙ୍କର ଦ୍ୱିତୀୟ ବିବାହ କରିବା ଆବଶ୍ୟକ ଉଦାହରଣ ସ୍ୱରୂପ ଯଦି (ପତ୍ନୀ) ପାଗଳ କିମ୍ୱା କୃଷ୍ଟ ରୋଗରେ ଆକ୍ରାନ୍ତ ହୁଅନ୍ତି କିମ୍ୱା ସଦାସର୍ବଦା ପାଇଁ ଏପରି କୌଣସି ରୋଗରେ ପୀଡ଼ିତ ହୁଏ ଯେଉଁଥିରୁ ଆରୋଗ୍ୟ ଲାଭ କରିବା ଅସମ୍ଭବ ହୋଇପଡ଼େ ଓ ତାହାକୁ ବେକାର କରିଦିଏ କିମ୍ୱା ଦୟାର ପାତ୍ର କରିଦିଏ । ଯଦ୍ୱାରା ପୁରୁଷ ଏକାକି ରହିବାରେ ଧର୍ଯ୍ୟ ରଖିପାରେ ନାହିଁ ତେବେ ଏପରି ପରିସ୍ଥିତିରେ ପୁରୁଷ ଦ୍ୱିତୀୟ ବିବାହ କରିବାର ଅନୁମତି ନଦେବା ତାହା ଉପରେ ଅତ୍ୟାଚାର କରିବା ଅଟେ । ପ୍ରକୃତରେ ଅଲ୍ଲାଃଙ୍କ ଶରିୟତ୍ ଏସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ରାସ୍ତା ଉନ୍ମୁକ୍ତ ରଖିଛି । ସେହିପରି ଆବଶ୍ୟକସ୍ଥଳେ ମହିଳାମାନଙ୍କ ପାଇଁ ମଧ୍ୟ ରାସ୍ତା ଖୋଲା ରହିଛି କି ଯଦି ସ୍ୱାମୀ ବେକାର ହୋଇଯାଏ ତେବେ ମହିଳା ମଧ୍ୟ ହାକିମ ମାଧ୍ୟମରେ ଖୁଲା (ତଲାକ୍‌ର ସମତୁଲ୍ୟ) ନେଇ ମୁକ୍ତ ହୋଇପାରିବ ।

ଅଲ୍ଲାଃତାଲା ଜମାଅତରେ ପୁରୁଷ ଓ ମହିଳାମାନଙ୍କୁ ନିଜ ପାରିବାରିକ ସମସ୍ୟାଗୁଡ଼ିକର ଇସଲାମୀୟ ଶିକ୍ଷା ମୁତାବକ ସମାଧାନ କରିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ସେମାନେ ସାଂସାରିକ କାମନା ପୂରଣ କରିବା ପରିବର୍ତ୍ତେ ଧର୍ମକୁ ପ୍ରାଥମିକତା ଦିଅନ୍ତୁ । ଈଶ୍ୱର ଭୟ ଲାଭ କରିବା ସେମାନଙ୍କ ଲକ୍ଷ ରହୁ । ଏହିପରି ନୂତନ ପ୍ରସ୍ତାବରେ ଅନେକ କିଛି ସମସ୍ୟା ଉପୁଜୁଛି ସେଗୁଡ଼ିକ ମଧ୍ୟ ଅଲ୍ଲାଃତାଲା ଦୂର କରନ୍ତୁ । ଯୁବକ ଓ ଯୁବତୀମାନଙ୍କୁ ଅଲ୍ଲାଃତାଲା ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ବିବାହର ମୂଳ ଉଦ୍ଦେଶ୍ୟ ଅର୍ଥାତ ସଂସାର ପ୍ରାପ୍ତି କିମ୍ୱା ନିଜ କାମନା ପୂରଣ ନୁହେଁ ବରଂ ଧର୍ମକୁ ପ୍ରାଥମିକତା ଦେବା ଓ ଆସନ୍ତା ପିଢ଼ୀକୁ ଧର୍ମ ମାର୍ଗରେ ପରିଚାଳିତ କରିବା ଓ ଉତ୍ତମ ପିଢ଼ୀ ଗଢ଼ି ତୋଳିବା, ବୁଝନ୍ତୁ । ଏପରି ଆମର ଆସନ୍ତା ପିଢ଼ୀ ସୁରକ୍ଷିତ ହୋଇଯାଇଥାଏ ଓ ସେମାନେ ଇସଲାମର ସେବା କରି ଅଲ୍ଲାଃଙ୍କ କୃପା ଲାଭ କରିବାର ଅଧିକାରୀ ହୋଇଥାନ୍ତି ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ ଶ୍ରୀମାନ ମହମ୍ମଦ ନଓାଜ ମୋମିନ୍ ସାହେବ (ଜୀବନ ଉତ୍ସର୍ଗୀ) ଓ ଶ୍ରୀମାନ ସୟଦ ରଫିକ୍ ଅହେମଦ ସଫିର ସାହେବ ସଦର ଜମାଅତ ସର୍‌ବଟନଙ୍କର ଜନାଯାଃ ଓ ମୁସଲେହ ମଉଦ ର.ଆଙ୍କର ନାତି ଶ୍ରୀମାନ ଡ଼ାଃ. ଲୟିକ୍ ଅହେମଦ ସାହେବ ଓ ଶ୍ରୀମାନ ଅମିନୁଲ୍ଲାଃ ଖାଁ ସାହେବ ସାଲିକ୍ ଯେ କି ଆମେରିକାର ପୂର୍ବ ମିଶନରୀ ଥିଲେ । ଏହି ସମସ୍ତ ମୃତକଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କରି ସେମାନଙ୍କ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ______________

**ବାପା ମା'ଙ୍କ ନିମନ୍ତେ କର୍ତବ୍ୟ ଓ ଦୁଆ**

ଓ୍ୱ କଜା ରବ୍‌ବୁକା ଅଲ୍ଲା ତାଆବୁଦୁ ଇଲ୍ଲା ଇୟାହୁ ଓ୍ୱବିଲ୍ ଓ୍ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଁଓ୍ୱଲା ତନ୍‌ହର୍‌ହୁମା ଓ୍ୱକୁଲ୍‌ଲ୍ଲହୁମା କଓ୍ୱଲନ୍ କରିମା । ଓ୍ୱଖ୍‌ଫିଜ୍ ଲହୁମା ଯନାହଜ୍ ଜୁଲ୍ଲେ ମିନର୍ ରହ୍‌ମତେ ଓ୍ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

______________

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.2 Thursday 06 APRIL 2017 Issue No. 14**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

## କାନାଡ଼ିଆନ୍ ପାର୍ଲିଆମେଂଟ୍‌ରେ ହଜୁର ଅନୁଓ୍ୱର୍‌ଙ୍କ ପଦାର୍ପଣ । ପାର୍ଲିଆମେଂଟ୍‌ର ମେମ୍ବର୍‌ମାନେ ହଜୁର୍ ଅନୁଓ୍ୱର ଅ:ବ:ଅ ଙ୍କୁ ସମ୍ପୂର୍ଣ୍ଣ ସମ୍ମାନର ସହିତ ସ୍ୱାଗତ କରି ପାଛୋଟି ନେଲେ ଏବଂ ଆପଣଙ୍କୁ ସ୍ୱାଗତମ୍ ଜଣାଇଲେ ।

ଜମାତ୍ ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଓ ମାନବିକତା ମୂଲ୍ୟବୋଧ ପ୍ରତିଷ୍ଠା କରିବା ପାଇଁ ଯେଉଁ ଚେଷ୍ଟା ଚଳାଇଛି ତାହା ପ୍ରଶଂସନୀୟ ଅଟେ ଏବଂ ଆପଣ ସମାଜର ଉତମ କାର୍ଯ୍ୟରେ ନିଜର ଯେଉଁ ଯୋଗଦାନ ଦେଉଛନ୍ତି ତାହା ବହୁତ ମହାନ୍ କାର୍ଯ୍ୟ ଅଟେ । (ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଅନେରେବଲ୍ ଏଣ୍ଡର୍ ୟୋଲ୍‌ଜ୍‌ଲି, ଚିଫ୍ ଗଭର୍ଣ୍ଣମେଂଟ୍ WHIP)

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ''ପାର୍ଲିଆମେଂଟ୍ ହିଲ୍''ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

### ପ୍ରଥମ ଭାଗ

ଏଲାହି ଜମାତ୍‌ର ଇତିହାସରେ ଏପରି କିଛି ଦିନ ମଧ୍ୟ ଆସିଥାଏ ଯାହା ନିଜର ବିଶେଷତ୍ୱ ପାଇଁ ଅସାଧାରଣ ମହତ୍ୱ ରଖିଥାଏ ଏବଂ ଭବିଷ୍ୟତର କ୍ରାନ୍ତି ପାଇଁ ମାଇଲ୍ ଖୁଂଟ ସାବ୍ୟସ୍ତ ହୋଇଥାଏ । ଜମାତ୍ ଅହେମଦୀଆର ବିଜୟପୂର୍ଣ୍ଣ ଇତିହାସ ମଧ୍ୟରେ ଏପରି ବହୁତ ଦିନ ମଧ୍ୟ ଆସିଛି ଯାହା ଅହେମଦୀୟତ୍‌ର ଆକାଶରେ ଉଜ୍ଜ୍ୱଳ ଜ୍ୟୋତି ସଦୃଶ ପ୍ରଜ୍ଜ୍ୱଳିତ ହୋଇଛି । ଆଜି ମଧ୍ୟ ଏପରି ଏକ ଦିନ ଆସିଛି ଯାହା କାନାଡ଼ାର ଭୂପୃଷ୍ଠରେ ନିକଟ ଭବିଷ୍ୟତରେ ଭବ୍ୟ କାନ୍ତି ଏବଂ ବିଜୟର ମୂଳଦୁଆ ରୂପେ ପ୍ରମାଣିତ ହେବ ଏବଂ ଜମାତ୍ ପାଇଁ ବିଜୟର ନୁଆ ରାସ୍ତା ଖୋଲିବ । ଆଜି ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ସମ୍ମାନରେ ଗୋଟିଏ ଭବ୍ୟ ସମାରୋହର ଆୟୋଜନ କାନାଡ଼ିଆନ୍ ପାର୍ଲିଆମେଂଟ୍ ହିଲ୍‌ର ସାର୍ ଜନ୍ ମ୍ୟାକ୍‌ଡୋନାଲ୍‌ଡ୍ ହଲ୍‌ରେ ଅନୁଷ୍ଠିତ କରାଯାଇଥିଲା ।

କାନାଡ଼ିଆନ୍ ପାର୍ଲିଆମେଂଟ୍ ହିଲ୍‌ର ନିର୍ମାଣ ୧୮୫୯ ରୁ ୧୮୬୬ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା । ୩ ଫେବୃଆରୀ ୧୯୧୬ ରେ କାନାଡ଼ା ପାର୍ଲିଆମେଂଟ୍‌ର କୋଠାର **Commons Reading Room** ରେ ନିଆଁ ଲାଗିଗଲା । ଯଦ୍ୱାରା ସମ୍ପୂର୍ଣ୍ଣ ଭବନଟି ଜଳିଗଲା । କେବଳ ଲାଇବ୍ରେରି ଏବଂ ଭବନର **North West Wing** ବଂଚିଗଲା । ୧୯୨୨ ରେ ପୁନର୍ବାର ପାର୍ଲିଆମେଂଟ୍ ଭବନର ନିର୍ମାଣ ସମ୍ପୂର୍ଣ୍ଣ କରାଗଲା ଏବଂ ୯୨.୨ ମିଟର ଉଚ୍ଚତାର ଏକ ଟାଓ୍ୱାର ମଧ୍ୟ ତିଆରି କରାଗଲା ଯାହା ୧୯୨୭ ମସିହାରେ ସମ୍ପୂର୍ଣ୍ଣ ହେଲା । କାନାଡ଼ାର ଏହି ପାର୍ଲିଆମେଂଟ୍ ବିଲ୍‌ଡ଼ିଂ **Parliament Hill** ରୂପେ ବିବେଚିତ । ଆଜି ଏହି **Parliament Hill** ରେ ହଜୁର୍ ଅନୁଓ୍ୱର ଅ:ବ:ଅ ସରକାରର ପ୍ରଧାନ ଅଧିକାରୀମାନଙ୍କ ସହିତ ବିଭିନ୍ନ ମିଟିଂ ଏବଂ ଆପଣଙ୍କର ଐତିହାସିକ ଭାଷଣ ପାଇଁ ପଦାର୍ପଣ କଲେ । ସକାଳ ୧୦:୧୫ ମିନିଟ୍‌ରେ ହଜୁର୍ ଅନୁଓ୍ୱର ଅ:ବ:ଅ ନିଜର ରହିବା ସ୍ଥାନରୁ ବାହାରିଲେ ଏବଂ **Parliament Hill** ଆଡ଼କୁ ଗସ୍ତ କଲେ । ୧୦:୫୦ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍ **Parliament Hill** ରେ ପଦାର୍ପଣ କଲେ ।

ପାର୍ଲିଆମେଂଟ୍‌ର କୌଣସି ଭବନକୁ ଯିବା ପାଇଁ ବା ତାହାର କୌଣସି ବିଭାଗକୁ ଯିବାପାଇଁ ବାରମ୍ବାର ସିକ୍ୟୁରିଟିର ବ୍ୟବସ୍ଥାକୁ ଅତିକ୍ରମ କରିବାକୁ ପଡ଼ିଲା । ପାଦପାଦରେ ସିକ୍ୟୁରିଟି ଷ୍ଟାଫ୍ ଚେକିଂ ପାଇଁ ଛିଡ଼ା ହୋଇଥିଲେ । କିନ୍ତୁ ହଜୁର୍ ଅନୁଓ୍ୱର ଅ:ବ:ଅଙ୍କ ପାଇଁ ଏହି ସୁକ୍ୟୁରିଟି ପ୍ରଥମରୁ ହିଁ **Waive** ହୋଇଯାଇଥିଲେ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କୁ ସିକ୍ୟୁରିଟି ଚେକିଂରୁ ରହିତ କରାଯାଇଥିଲା ।

ପାର୍ଲିମାମେଂଟ୍ ହିଲ୍ ପହଂଚିବା ପରେ ହଜୁର୍ ଅନୁଓ୍ୱର ଅ:ବ:ଅଙ୍କ ଗାଡ଼ି ପାର୍ଲିଆମେଂଟ୍ ବିଲ୍‌ଡ଼ିଂର ମୁଖ୍ୟ ଫାଟକ ପାଖକୁ ଅଣାଗଲା । ଯେତେବେଳେ ହଜୁର୍ ଅନୁଓ୍ୱର ଗାଡ଼ିରୁ ବାହାରକୁ ବାହାରିଲେ ସେତେବେଳେ ନିମ୍ନଲିଖିତ ପାର୍ଲିଆମେଂଟ୍ ମେମ୍ବର୍‌ମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ସମ୍ପୂର୍ଣ୍ଣ ସମ୍ମାନର ସହିତ ସ୍ୱାଗତମ୍ ଜଣାଇଲେ ।

**Member of Parliament Judy Sgro, Member of Parliament Kamal Khera, Member of Parliament Ramesh Sangna, Member of Parliament Deborah Schulte.**

ପାର୍ଲିଆମେଂଟ୍ ହାଉସ୍‌ର ବାହାରେ ଯମାତ୍ ଅହେମଦିଆର ସ୍ତ୍ରୀ ଓ ପୁରୁଷମାନେ ହଜୁର୍ ଅନୁଓ୍ୱର୍‌ଙ୍କ ଆଗମନ ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ । ସେମାନେ ସମସ୍ତେ ବହୁତ ଉତ୍ସାହିତ ହୋଇ ନାରାଏ ତକ୍‌ବିର୍ ଲଗାଇଲେ । ସେମାନେ ସମସ୍ତେ ସମ୍ପୂର୍ଣ୍ଣ ବିଶ୍ୱାସ ସହିତ ଛିଡ଼ା ହୋଇଥିଲେ ଏବଂ ସେମାନଙ୍କର ହୃଦୟ ଅଲ୍ଲାଃତାଲାଙ୍କ ନିକଟରେ ଭୂମିଷ୍ଠ ଥିଲା ଯେ ଆଜି କାନାଡ଼ାର ଭୂପୃଷ୍ଠରେ ମଧ୍ୟ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ସେହି ପେଶ୍‌ଗୋଇ (ଭବିଷ୍ୟବାଣୀ) ଗୌରବର ସହିତ ସମ୍ପୂର୍ଣ୍ଣ ହେବାକୁ ଯାଉଅଛି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଥିଲେ (ପ୍ରତ୍ୟେକ ଗୋଷ୍ଠୀ (ଜାତି) ଏହି ଝରଣାରୁ ପାଣି ପିଇବେ ଏବଂ ଏହି ଅନୁଷ୍ଠାନ ବହୁତ ଶିଘ୍ର ବଢ଼ି ଚାଲିବ ଏପରିକି ପୃଥିବୀରେ ବ୍ୟାପିଯିବ । ତେଣୁ ହେ ଶୁଣିବା ବ୍ୟକ୍ତିମାନେ ! ଏହି କଥାକୁ ମନେରଖ ଏବଂ ଏହି ଭବିଷ୍ୟବାଣୀକୁ ନିଜ ସିନ୍ଦୁକରେ ସାଇତି ରଖ ଯେ ଏହା ଅଲ୍ଲାଃଙ୍କ ବାଣୀ ଅଟେ ଯାହା ଦିନେ ନା ଦିନେ ପୁରା ହେବ)

ଆଜି ସେହି ଦିନ ଆସିଥିଲା ଯେ କାନାଡ଼ିଆନ୍ ଜାତି ମଧ୍ୟ ଏହି ଝରଣା ଦ୍ୱାରା ନିଜର ତୃଷ୍ଣା ମେଂଟାଇଲେ । ଏହା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍ ଭିତରକୁ ପ୍ରବେଶ କଲେ । **Member of Parliament Judy Sgro,** ହଜୁର୍ ଅନୁଓ୍ୱର ଅ:ବ:ଅ ଙ୍କୁ ପାର୍ଲିଆମେଂଟ୍‌ର କିଛି ଭାଗ ଦେଖାଇଲେ ଏବଂ ଲାଇବ୍ରେରୀର ଭ୍ରମଣ ମଧ୍ୟ କରାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍‌ର ୬ ମହଲାର **Spousal Lounge** ରେ ପଦାର୍ପଣ କଲେ । ସ୍ୱାଗତକାରୀ ୪ ଜଣ ଯାକ ପାର୍ଲିଆମେଂଟ୍‌ର ମେମ୍ବର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସାଥିରେ ଥିଲେ ।

ଏହି ଅବସରରେ ଶ୍ରୀଯୁକ୍ତ **Judy Sgro** ସାହିବା ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ପ୍ରୋଗ୍ରାମ୍ ପେଶ୍ କରି ବତାଇଲେ ଯେ ଏଠାରେ ଏହି ଲଞ୍ଜ୍‌ରେ କିଛି ମିନିଷ୍ଟର୍, ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଏବଂ ସିନେଟର୍ ଇତ୍ୟାଦି ଙ୍କ ସହିତ ହଜୁର ଅନୁଓ୍ୱର୍‌ଙ୍କର ମିଟିଂ ଏବ ସାକ୍ଷାତ୍‌କାର ହେବ । ଏହା ପରେ ହଜୁର ଅନୁଓ୍ୱର ତଳେ ଏକ ହଲ୍‌ରେ ପ୍ରବେଶ କରିବେ । ଯେଉଁଠି ରିଫ୍ରେସ୍‌ମେଂଟ୍‌ର ବ୍ୟବସ୍ଥା ହେବ ଏବଂ

*ଅବଶିଷ୍ଟାଂଶ ପୃଷ୍ଠା-୨ରେ ଦେଖନ୍ତୁ......*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**